# ତହସିଲ କାର୍ଯ୍ୟାଳୟ, କୁଜଙ୍ଗ

## ନିଲାମ ବିଜ୍ଞାପନ

ନୋଟିସ୍ ନଂ ୫୬୪୩/ତା। ୧୯/୧୦/୨୦୧୯

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କୁଜଙ୍ଗ ତହସିଲ କାର୍ଯ୍ୟାଳୟର **OR-05-J-7865** ମହେନ୍ଦ୍ରା ଡିଜେଲ ଜିପର ନିମ୍ନରେ ଦର୍ଶାଯାଇଥିବା ଧାର୍ଯ୍ୟ ମୂଲ୍ୟ, ଅମାନତ ଅର୍ଥ, ତାରିଖ ଓ ସମୟରେ କ୍ଷମତାପ୍ରାପ୍ତ ଅଧିକାରୀ ଆଗ୍ରହୀ ନିଲାମଧାରୀଙ୍କ ଉପସ୍ଥିତିରେ କୁଜଙ୍ଗ ତହସିଲ କାର୍ଯ୍ୟାଳୟରେ ନିଲାମ କରିବେ । ଆଗ୍ରହୀ ନିଲାମଧାରୀଙ୍କ ସର୍ବାଧିକ ନିଲାମ ମୂଲ୍ୟ ଟେଣ୍ଡର ଜଉମୁଦ ଲଫାପାରେ ଆସନ୍ତା ତା – ୦୬ / ୧୧/ ୨୦୧୯ ରିଖ ଦିବା ୨ ଘଟିକା ପୂର୍ବରୁ ତହସିଲ କାର୍ଯ୍ୟାଳୟ କୁଜଙ୍ଗରେ ଥିବା ଟେଣ୍ଡର ବକ୍ସରେ ପହଁଚିବା ବାଞ୍ଛନିୟ । ଉକ୍ତ ନିଲାମ ଜିପର ଜଉମୁଦ ଟେଣ୍ଡର ଗୁଡିକୁ କୁଜଙ୍ଗ ତହସିଲ କାର୍ଯ୍ୟାଳୟରେ ନିର୍ଦ୍ଧାରିତ ଦିନ ଓ ସମୟରେ ତହସିଲଦାର କୁଜଙ୍ଗ ଓ ନିଲାମଧାରୀଙ୍କ ଉପସ୍ଥିତିରେ ଖୋଲାଯାଇ ସର୍ବୋଚ୍ଚ ମୂଲ୍ୟଦାତାଙ୍କ ନାମେ ନିଲାମକୁ ଚୁଡାନ୍ତ କରାଯିବ । ଆଗ୍ରହି ନିଲାମଧାରୀ ଧାର୍ଯ୍ୟ ମୂଲ୍ୟର ୧୦% (ଦଶ ପ୍ରତିଶତ ) ଅମାନତ ଟଙ୍କା ତହସିଲଦାର କୁଜଙ୍ଗଙ୍କ ସପକ୍ଷରେ ଡିମାଣ୍ଡ ଡ୍ରାଫ୍ଟ ଦ୍ୱାରା ଦାଖଲ କରିବେ ଏବଂ ନିଲାମ ଅର୍ଥର ୫୦% (ପଚାଶ ପ୍ରତିଶତ) ନିଲାମ ତାରିଖରେ ଦାଖଲ କରିବେ । ଅବଶିଷ୍ଟ ନିଲାମ ଅର୍ଥ ସାତ ଦିନ ମଧ୍ୟରେ ଦାଖଲ କରିବେ । ଏଥି ନିମନ୍ତେ ନିଲାମଧାରୀ ମାନଙ୍କୁ ଜଣାଇ ଦିଆଯାଉଅଛି ଯେ ଉକ୍ତ ଗାଡି ତହସିଲ କାର୍ଯ୍ୟାଳୟ ଗ୍ୟାରେଜରେ ଦେଖିପାରିବେ । ଏବଂ ନିଲାମଧାରୀ ନିଲାମ ଅର୍ଥ ସଂପୂର୍ଣ୍ଣ ଦାଖଲ କରିବା ପରେ ଗାଡି ନେଇ ପାରିବେ । ତତ୍ ସଙ୍ଗେ ସଙ୍ଗେ ଗାଡି ନିଲାମ ହେବା ପରେ ଯଦି ଗାଡି ନ ନିଅନ୍ତି ଦୈନିକ ନିଲାମ ଅର୍ଥର ୧% (ଏକ ପ୍ରତିଶତ) ଅର୍ଥ ଅତିରିକ୍ତ ଚାର୍ଯ ଦାଖଲ କରିବେ । ନଚେତ୍ ଦାଖଲ କରିଥିବା ନିଲାମ ଓ ଅମାନତ ଅର୍ଥ ବ୍ୟାପ୍ୟାପ୍ତି କରାଯିବ । ନିଲାମ ଅଧିକାରୀ କୌଣସି କାରଣ ନ ଦର୍ଶାଇ କୌଣସି ଏକ ନିର୍ଦ୍ଧିଷ୍ଟ ଟେଣ୍ଡର କିମ୍ବା ସମସ୍ତ ଟେଣ୍ଡର ଖାରଜ କରି ପାରିବେ, ପ୍ରକାଶ ଥାଉକି କୌଣସି କାରଣ ନ ଦର୍ଶାଇ ସର୍ବୋଚ୍ଚ ଡାକକୁ ଗ୍ରହଣ କରିବାକୁ ନିଲାମ ଅଧିକାରୀ ବାଧ୍ୟ ନୁହଁନ୍ତି ।

## ତଫସିଲ

| ଜିପ ନମ୍ବର | ଧାର୍ଯ୍ୟ ମୂଲ୍ୟ | ୧୦ % ଅମାନତ ଅର୍ଥ | ନିଲାମ ସ୍ଥାନ | ତାରିଖ ଓ ସମୟ |
|---|---|---|---|---|
| OR-05-J-7865 | Rs. 45000/- | Rs. 4500/- | ତହସିଲ କାର୍ଯ୍ୟାଳୟ କୁଜଙ୍ଗ | ୦୬/୧୧/୨୦୧୯ ଅପରାହ୍ନ – ୩ ଘଟିକା |

୧୯/୧୦/୧୯

ତହସିଲଦାର, କୁଜଙ୍ଗ